## ସଂକ୍ଷେପରେ

### ଜମିବାଡ଼ି ବିବାଦକୁ ନେଇ ଆକ୍ରମଣ, ୪ ଗୁରୁତର

ଭଦ୍ରକ,୧।୧୨(ସନାତନ ରାଉତ)

ଭଦ୍ରକ ଗ୍ରାମାଞ୍ଚଳ ଥାନା ରାହାଞ୍ଜ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଆକ୍ରମଣରେ ଏକ ପରିବାରର ୪ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଏନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅଭିଯୋଗ ହୋଇଛଇ। ଅଭିଯୋଗ ମୁତାବକ, ମଧୁସୂଦନ ପଣ୍ଡା ଓ ପଡ଼ୋଶୀ ବୀରେନ୍ଦ୍ର ପଣ୍ଡାଙ୍କ ମଧ୍ୟରେ ଜମିବାଡ଼ି ବିବାଦ ଲାଗି ରହିଥିଲା। ମଧୁସୂଦନଙ୍କ ପରିବାରରେ ଏକ ବାହାଘର କାର୍ଯ୍ୟକ୍ରମ ପାଇଁ ରୋଷେଇ କରିବାକୁ ଚୁଲି ଖୋଳୁଥିବା ବେଳେ ବୀରେନ୍ଦ୍ରଙ୍କ ପରିବାର ବିରୋଧ କରିଥିଲେ। ଏ ନେଇ ଯୁକ୍ତିତର୍କ ପରେ ବାଡ଼ି ଓ ଶାବଳରେ ଆକ୍ରମଣ କରିବାରୁ ସୀମାରାଣୀ ପଣ୍ଡା, ଶାନ୍ତିଲତା ପଣ୍ଡା, ସୁକାନ୍ତି ପଣ୍ଡା, ମଧୁସୂଦନ ପଣ୍ଡା ଓ ବ୍ରଜକିଶୋର ପଣ୍ଡା ଆହତ ହୋଇଥିଲେ। ସମସ୍ତଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ମଧୁସୂଦନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

### ସନ୍ତୋଷୀ ମା’ ମନ୍ଦିରର ବାର୍ଷିକ ମହୋତ୍ସବ

ଭଦ୍ରକ,୧।୧୨(ରବିନାରାୟଣ ଖିଲାର)

ଭଦ୍ରକ ଜିଲାର ଆଧାତ୍ମିକ ଚେତନାର ପ୍ରସିଦ୍ଧ ପୀଠ ଚୁନିଦା କ୍ଷେତ୍ରବାସୀଠାରେ ମାଆ ସପ୍ତେଶ୍ୱରୀ ସନ୍ତୋଷୀ ମା’ଙ୍କ ଚତୁର୍ଥ ବାର୍ଷିକ ପୂଜା ମହୋତ୍ସବର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥିଭାବେ ସରପଞ୍ଚ ନିରଞ୍ଜନ ମଲ୍ଲିକ, ଧୁଷୁରି ପ୍ରେସ୍ ୟୁନିୟନର ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତି ରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଖବରଦାତା ରାଜକିଶୋର ବାରିକ, ମୋ ଅନୁଷ୍ଠାନ ସାହିତ୍ୟ ସଂସଦର ସମ୍ପାଦକ ନରେନ୍ଦ୍ର ପ୍ରସାଦ ବେହେରା ଓ କାର୍ଯ୍ୟକାରୀ ସଭାପତି କୁଞ୍ଜଲତା ମାହୁନ୍ତ, ପୂର୍ବତନ ସମିତି ସଭ୍ୟ ନିତ୍ୟାନନ୍ଦ ବେହେରା, ଗଛର ମଣିଷ କୃଷ୍ଣଚନ୍ଦ୍ର ବେହେରା, ସମାଜ ସେବୀ ମହେଶ୍ୱର ଲେଙ୍କା, ସାମାଜିକ କର୍ମୀ ଗୌରହରି ଜେନା ପ୍ରମୁଖ ଯୋଗଦେଇଥିଲେ।

### ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଚାନ୍ଦବାଲି,୧।୧୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକସ୍ତରୀୟ ଏନର୍ଜି କ୍ଲବ୍ କୁଇଜ୍ ପ୍ରତିଯୋଗିତା ମତୋ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ଦାସଙ୍କ ଅଧ୍ୟକ୍ଷତାରେ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରେ ଥିବା ଏନର୍ଜି କ୍ଲବ୍‌ର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଶକ୍ତି ସଂରକ୍ଷଣ ଓ ଶକ୍ତି ସଂକଟ ଉପରେ ଆଧାରିତ ପ୍ରଶ୍ନଗୁଡ଼ିକୁ ନେଇ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଜଳଧରପୁର ହାଇସ୍କୁଲର ବିଜୟିନୀ ନାୟକ ପ୍ରଥମ, ଆରଡ଼ି ମଠଡ଼ିହ ହାଇସ୍କୁଲର ଦୀପ୍ତିରେଖା ଦାଶ ଦ୍ୱିତୀୟ ଓ ଟ୍ରଷ୍ଟ ହାଇସ୍କୁଲ, ଯଶିପୁରର ସୋମନାଥ ନାୟକ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଅତିଥିଭାବେ ବ୍ଲକ୍ ବିଜ୍ଞାନ ସଂଯୋଜକ ଅମୂଲ୍ୟ ରାଉତ, ପ୍ରଧାନଶିକ୍ଷକ ପ୍ରତାପ କେଶରୀ ମହାନ୍ତି, ଗଗନ ବିହାରୀ ସାହୁ, ଶ୍ରୀଧର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ବିଜ୍ଞାନ ଶିକ୍ଷକ ଶଶିକାନ୍ତ ଦତ୍ତ, ଶିକ୍ଷୟିତ୍ରୀ ସ୍ନେହାଶିଷା ପାଣ୍ଡବ, ଇତିଶ୍ରୀ ଲେଙ୍କା ପ୍ରମୁଖ ପରିଚାଳନା କରିଥିଲେ।

# ବିପଦପୂର୍ଣ୍ଣ ଭାବେ ଚୋରା ପଥର ଟ୍ରକ୍ ଚଳାଚଳ

## ୨ ପଥର ବୋଝେଇ ଟ୍ରକ୍ ଅଟକ

ବାସୁଦେବପୁର,୧।୧୨
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର-ବାଲିଛନ୍ଦାଘାଟ ଦେଇ ପ୍ରତିଦିନ ରାତିରେ ଚୋରା ପଥର ବୋଝେଇ ଟ୍ରକ୍ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛି। ଏ ନେଇ ଅଙ୍କୁଶ ଲାଗୁ ନ ଥିବାରୁ ଏହା ପଥଚାରୀ ଓ ବାଇକ୍ ଚାଳକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଚୋରାରେ କେତେକ ପଥର ମାଫିଆ ନିୟମିତ ଭାବେ ସୋର, ବାଗୁରାଇ ଅଞ୍ଚଳରୁ ପଥରଚାଲାଣ କରୁଥିବା ବେଳେ ଏହି ପଥର ବୋଝେଇ ଟ୍ରକ୍‌ଗୁଡ଼ିକ ବେପରୁଆ ଭାବେ ଚଳାଉଥିବାରୁ ଏହାକୁ ରୋକିବା ଓ ଚୋରାପଥର ଚାଲାଣ କରୁଥିବା ବେପାରୀ, ଟ୍ରକ୍ ଉପରେ ପ୍ରଶାସନ ଓ ମାଇନିଂ ବିଭାଗ ପକ୍ଷରୁ କଟକଣା ଲଗାଇବାକୁ ସାଧାରଣରେ ଦାବି ହୋଇଛି। ଦୁଇଦିନ ତଳେ ବାସୁଦେବପୁର ପୋଲିସ ୨ଟି ଚୋରା ପଥର ବୋଝେଇ ଟ୍ରକ୍‌କୁ ଥାନାରେ ଅଟକ ରଖିଛି। ଏହି ଟ୍ରକ୍ ଦୁଇଟି ଉପରେ ଫାଇନ୍ କାଟିବାକୁ ଜିଲା ମାଇନିଂ ବିଭାଗକୁ ପୋଲିସ ପକ୍ଷରୁ ଅବଗତ କରାଯାଇଛି। ଚୋରା ପଥର ଚାଲାଣ ଉପରେ କଟକଣା ଥିବା ବେଳେ ମାଇନିଂ ବିଭାଗର ଉଦାସୀନତା ପାଇଁ ବାସୁଦେବପୁର-ଧାମରା ରାସ୍ତା, ବାସୁଦେବପୁର-ସୋର, ବାଲିଛନ୍ଦାଘାଟ ରାସ୍ତାରେ ନିୟମିତ ଭାବେ ଚୋରା ପଥର ଟ୍ରକ୍ ଅନାୟାସରେ ଚଳାଚଳ କରୁଛି। ଏ ସମ୍ପର୍କରେ ବାସୁଦେବପୁର ଥାନା ଆଇଆଇସି ଲୋପାମୁଦ୍ରା ନାୟକ କହିଛନ୍ତି, ୨ ପଥର ବୋଝେଇ ଟ୍ରକ୍‌କୁ ଅଟକ ରଖାଯିବା ସହ ଏ ବାବଦରେ କାର୍ଯ୍ୟାନୁଷ୍ଠାନ ପାଇଁ ମାଇନିଂ ବିଭାଗକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଏ ବାବଦରେ ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା କହିଛନ୍ତି, ଚୋରା ପଥର ଟ୍ରକ୍ ରୋକିବା, ନିୟମିତ ଯାଞ୍ଚ କରିବା ଦାୟିତ୍ୱ ମାଇନିଂ ବିଭାଗର ଅଧୀନରେ ଆସୁଛି। ଏ ଦିଗରେ ବିଭାଗ ଅଧିକ ତତ୍ପର ହୋଇ ନିୟମିତ ଚେକିଂ ହେଲେ ଏହା ବନ୍ଦ ହେବ ବୋଲି କହିଛନ୍ତି।

# ମଣ୍ଡଳସ୍ତରୀୟ ବରିଷ୍ଠ ନାଗରିକ ସମାବେଶ



ସମାବେଶରେ ଉପସ୍ଥିତ ବରିଷ୍ଠ ନାଗରିକମାନେ।

ଧାମନଗର,୧।୧୨(ଦେବେନ୍ଦ୍ର ଆନ୍ଦିଆ)

ଭଦ୍ରକ ଜିଲା ଧାମନଗର ବ୍ଲକ୍ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତସ୍ଥିତ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ସମ୍ମୁଖ ପଡ଼ିଆଠାରେ ବରିଷ୍ଠ ନାଗରିକ ସମାବେଶ ରବିବାର ଅନୁଷ୍ଠିତ ହୋଇଯାଇଛି। ଧାମନଗର ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦଇତାରୀ ଦାଶଙ୍କ ସଭାପତିତ୍ୱରେ ସଞ୍ଚାଳକ ଭାବେ ବରିଷ୍ଠ ନାଗରିକ ପରିଷଦ ସାଧାରଣ ସମ୍ପାଦକ ଶଶିକାନ୍ତ ପଣ୍ଡା ସଭା ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ତଥା ଉଦ୍‌ଘାଟକ ଭାବେ ସ୍ଥାନୀୟ ଥାନା ଏସ୍‌ଆଇ ପ୍ରଦୀପ କୁମାର ନାୟକ, ପୂର୍ବତନ ସରପଞ୍ଚ ବିଜୟ ଦାସ ଯୋଗଦେଇ ବୟସ୍କମାନେ ପାରିବାରିକ ହିଂସା ତଥା ନିର୍ଯାତିତ, ଉତ୍ପିଡ଼ନ ହୋଇ ଆତ୍ମହତ୍ୟା ଭଳି ପଥ ବାଛିବାର ଦୃଷ୍ଟାନ୍ତ ଦୃତ ଗତିରେ ବ୍ୟାପି ଚାଲିଛି। ବସ୍ତୁବାଦୀ ତଥା ଅର୍ଥ ସର୍ବସ୍ୱ ସମାଜରେ ବରିଷ୍ଠଙ୍କ ସମ୍ମାନ ପାଇଁ ସମସ୍ତ ଯୁବ ସମାଜ ସଚେତନ ହେବା ଜରୁରୀ ବୋଲି ଅତିଥିମାନେ ମାର୍ଗଦର୍ଶନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମାନନ୍ଦ ପୃଷ୍ଟି, ରବୀନ୍ଦ୍ର ପାଣିଗ୍ରାହୀ, ରାମଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପୂର୍ବତନ ପ୍ରଧାନଶିକ୍ଷକ ତ୍ରିଲୋଚନ ବେହେରା, ଅରୁଣ ପରିଡ଼ା, ନାରାୟଣ ଦାସ, ରବୀନ୍ଦ୍ର ଦାସ ପରିଚାଳନା କରିଥିଲେ। ମଣ୍ଡଳ ସଭାପତି ବୃନ୍ଦାବନ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

# ଟିଆଡ଼ିସାହି ରାସ୍ତା ଭିତ୍ତିପ୍ରସ୍ତର ସ୍ଥାପନ



ଭିତ୍ତିପ୍ରସ୍ତର ସ୍ଥାପନ ସ୍ଥଳରେ ଅତିଥିମାନେ।

ଭଣ୍ଡାରିପୋଖରୀ,୧।୧୨(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ଟିଆଡ଼ିସାହି କେନାଲ ରାସ୍ତାର ନିର୍ମାଣ ପାଇଁ ରବିବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ପ୍ରାୟ ୩ କି.ମି. ରାସ୍ତା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୫୪ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଯୁବ ସାମାଜିକ କର୍ମୀ ପ୍ରତ୍ୟୁଷ ସାମଲଙ୍କ ସଂଯୋଜନାରେ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ଶୁଭ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀ, ବ୍ଲକ୍ ବିଜେଡ଼ି ସଭାପତି ଲକ୍ଷ୍ମୀଧର ସାହୁ, ଜିଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ସରପଞ୍ଚ ମିନତୀ ପରିଡ଼ା, ସମିତିସଭ୍ୟା ରିତାଞ୍ଜଳୀ ସାମଲ, ସମବାୟ ସମିତି ସଭାପତି ମୁକୁନ୍ଦ ଚରଣ ମଲ୍ଲିକ, ଶିକ୍ଷାବିତ୍ ସୁବୋଧ ସାମଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଉତ୍ସବକୁ ଯୁବ ନେତା ଭାଗୀରଥି ପରିଡ଼ା, ଦେବେନ୍ଦ୍ର ଦାସ, ପବିତ୍ର ପାଣିଗ୍ରାହୀ, ପୟୋଧର ନାୟକ, ହରେକୃଷ୍ଣ ବାରିକ, ଜ୍ଞାନେନ୍ଦ୍ର ବାରିକ, ଗୁରୁପ୍ରସାଦ ପଲେଇ ପ୍ରମୁଖ ପରିଚାଳନା କରିଥିଲେ।

# କୋଇଲା ମାଫିଆଙ୍କ ସମେତ ୨ ଗିରଫ


ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଓ ଅନ୍ୟମାନେ।

## ପୋଲିସ ଭ୍ୟାନ୍‌କୁ ଧକ୍କା ଦେଇ ଖସି ଯାଉଥିଲେ

ତିହିଡ଼ି,୧।୧୨(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ଥାନା ସାମ୍ନାରେ ପୋଲିସ ଭ୍ୟାନ୍‌କୁ ଧକ୍କା ଦେଇ ଖସି ପଳାଉଥିବା ଜଣେ କୋଇଲା ମାଫିଆଙ୍କ ସମେତ ୨ଜଣଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ କୋଇଲା ମାଫିଆ ସନ୍ଥପୁରା ଗ୍ରାମର ଜୀବନଜ୍ୟୋତି ବଳ ଓ ତାଙ୍କ ସହଯୋଗୀ କାଁପଡ଼ା ଗ୍ରାମର ଜିତେନ୍ଦ୍ର ମଳିକ। ଘଟଣାରେ ତିହିଡ଼ି ପୋଲିସ ଏକ ମାମଲା (ନଂ ୫୩୪/୨୪) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଛି। ଚାନ୍ଦବାଲି ଏସ୍‌ଡିପିଓ ଦାୟିତ୍ୱରେ ଥିବା ତ୍ରିଲୋଚନ ସେଠୀ ରବିବାର ଥାନା ପରିସରରେ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏବେ ଜିଲାରେ କୋଇଲା ସମେତ ଅନ୍ୟ ବେଆଇନ ଚୋରାଚାଲାଣ ଉପରେ ଜୋରଦାର ଚଢ଼ାଉ କରାଯାଉଛି। ଚୋରା ଚାଲାଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମଧ୍ୟ ଏସ୍‌ପି ନିର୍ଦ୍ଦେଶ ଦେଇଛନ୍ତି। ଶନିବାର ସନ୍ଧ୍ୟାରେ ଏକ ପିକ୍‌ଅପ୍ ଭ୍ୟାନ୍ (ନଂ. ଓଡି ୨୨ୱାଇ ୫୩୦୪) ରେ ଚୋରା କୋଇଲା ବୋଝେଇ ହୋଇ ଭଦ୍ରକ ଅଭିମୁଖେ ଚାଲାଣ ହେଉଥିଲା। କୌଣସି ସୂତ୍ରରୁ ତିହିଡ଼ି ପୋଲିସ ଜାଣିବାକୁ ପାଇଥିଲା। ଆଇଆଇସି ପ୍ରସନ୍ନ ନାୟକଙ୍କ ନେତୃତ୍ୱରେ ପୋଲିସ ସଦଳବଳେ ଥାନା ସାମ୍ନାରେ ପିକ୍‌ଅପ୍ ଭ୍ୟାନ୍‌କୁ ଧରିବାକୁ ସଜାଗ ଥିଲେ। ଏହି ସମୟରେ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ଆସି ପୋଲିସ ଭ୍ୟାନ୍‌କୁ ଧକ୍କା ଦେଇ ଖସି ପଳାଇଥିଲା। ପୋଲିସ ଗାଡ଼ିକୁ ପିଛା କରି ଚବିଶପଡ଼ା ନିକଟରେ ଧରିବାକୁ ସକ୍ଷମ ହୋଇଥିଲା। ପରେ ପୋଲିସ ସେହି ଗାଡ଼ିରୁ ୨ଟନ୍ କୋଇଲା ଜବତ କରିଥିବା ସୂଚନା ଦିଆଯାଇଛି । ଏଥିସହ ସେହି ଗାଡ଼ିରୁ ପୋଲିସ ଗୋଟିଏ କଟୁରୀ ସହ ୧୨ଟି ପଥର ଖଣ୍ଡ ଜବତ କରିଛି। ଗିରଫ ଜୀବନଜ୍ୟୋତିଙ୍କ ନାରେ ୫ଟି ମାମଲା ଥିବା ପୋଲିସ ସୂଚନା ଦେଇଛି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇସି ନାୟକ, ଏସ୍‌ଆଇ ପ୍ରକାଶ ନାୟକ ଉପସ୍ଥିତ ଥିଲେ।

# ପିଇଓମାନଙ୍କୁ ପଞ୍ଚାୟତ ଦାୟିତ୍ୱ ବଣ୍ଟନ

ବନ୍ତ,୧।୧୨(ହରି ନାରାୟଣ ମହାନ୍ତି)

ଜିଲାପାଳଙ୍କ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୮୧୭/ତା.୧୯।୧୧।୨୪ ଅନୁଯାୟୀ ବନ୍ତ ବ୍ଲକରୁ ଅନ୍ୟ ବ୍ଲକକୁ ୫ ପିଇଓଙ୍କର ବଦଳି ହୋଇଥିବା ବେଳେ ଅନ୍ୟ ବ୍ଲକରୁ ୫ ଜଣଙ୍କର ବନ୍ତ ବ୍ଲକକୁ ବଦଳି ହୋଇଥିଲା। ନୂତନ ଭାବେ ୫ ପିଇଓ ଯୋଗ ଦେବା ପରେ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପିଇଓଙ୍କୁ ନେଇ ବିଭିନ୍ନ ପଞ୍ଚାୟତ ଦାୟୀତ୍ୱ ପ୍ରଦାନ କରାଯାଇଛି। ପଞ୍ଚାୟତ ସମିତି କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୪୭୨୭/ତା.୨୯।୧୧।୨୪ରିଖ ଅନୁଯାୟୀ ସମୀକ୍ଷା ତ୍ରିପାଠୀଙ୍କୁ ଆଡିଆ, ଟିଲୋ, ବୀର କିଶୋର ନାୟକଙ୍କୁ ପୁରୁଷଣ୍ଡ, ବିଟିପୁର, ସଙ୍ଗୀତାରାଣୀ ପାଣିଗ୍ରାହୀଙ୍କୁ ମହାନ୍ତିପଡ଼ା, ବଡବର୍ଚ୍ଛିକୟାଁ, ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କୁ ଗଣିଜାଙ୍ଗ, ବନ୍ତ, ବିକାଶ ଚନ୍ଦ୍ର ରାଉତଙ୍କୁ କାଦବରାଙ୍ଗ, ସେଣ୍ଟତୀରା, ଗଣେଶ ପ୍ରସାଦ ନାୟକଙ୍କୁ ଗୋବିନ୍ଦପୁର, ପଧାନପଡା, ପ୍ରଦୀପ କୁମାର ବିଶ୍ୱାଳଙ୍କୁ କେନ୍ଦୁଆପଦା, ଜୟ ପ୍ରକାଶ ମହାପାତ୍ରଙ୍କୁ ଓଡଙ୍ଗ, ତୋଡଗାଁ, ଦେବବ୍ରତ ସାମଲଙ୍କୁ ରାମକୃଷ୍ଣପୁର, ଗଦାଧର ସାହୁଙ୍କୁ ନିକୋକ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁଙ୍କୁ ଗୋପୀନାଥପୁର, ଚାରିଗାଁ, କ୍ଷୀରୋଦ କୁମାର ଖଟୁଆଙ୍କୁ ଅଣିଜୋ, ବଡ ମହିଷଗୋଠ, ବାସୁଦେବ ବେହେରାଙ୍କୁ ରାମଚନ୍ଦ୍ରପୁର, ବସନ୍ତିଆ, ପୂର୍ଣ୍ଣ ଚନ୍ଦ୍ର ସାହୁଙ୍କୁ ଛୟାଳସିଂହ, ରାମପୁର ଦାୟୀତ୍ୱ ଅର୍ପଣ କରାଯାଇଥିବା ବେଳେ ସୂଚୀସ୍ମିତା ନାୟକଙ୍କୁ ବ୍ଲକ କାର୍ଯ୍ୟାଳୟରେ ଡେଭ୍‌ଲପ୍‌ମେଣ୍ଟସେକ୍ସନ ଦାୟିତ୍ୱରେ ରଖାଯାଇଛି।

# ସୋଫିଆ ଶେଖଙ୍କୁ କଳିଙ୍ଗ କନ୍ୟା ସମ୍ମାନ

ଭଦ୍ରକ,୧।୧୨(ସନାତନ ରାଉତ)



ସୋଫିଆ ଅତିଥିଙ୍କଠାରୁ ମାନପତ୍ର ଗ୍ରହଣ କରୁଛନ୍ତି।

ସୋସାଇଟ୍ ଫର୍ ଉଇକର୍ କମ୍ୟୁନିଟ୍(ଆସିଆନା)ର ସମ୍ପାଦିକା ସୋଫିଆ ଶେଖଙ୍କୁ ମହିଳା ସଶକ୍ତୀକରଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ‘କଳିଙ୍ଗ କନ୍ୟା ସମ୍ମାନ-୨୦୨୪’ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ପ୍ରତିଭା ସମ୍ମାନ ଓଡ଼ିଶା ଟ୍ରଷ୍ଟ ପକ୍ଷରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ, ପୁରୀର କୁଳପତି ପ୍ରଫେସର ସବିତା ପ୍ରଧାନ, ଟ୍ରଷ୍ଟର ସଭାପତି ଡ. ଅଶୋକ କୁମାର ମହାପାତ୍ର, ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଡ. କୁମରବର ଦାସ ଅତିଥିଭାବେ ଯୋଗ ଦେଇଥିଲେ।

# ଅତିରିକ୍ତ ତହସିଲଦାରଙ୍କୁ ଆକ୍ରମଣ ଉଦ୍ୟମ

## ଯୁବକ ଗିରଫ

ତିହିଡ଼ି,୧।୧୨(ସଞ୍ଜିତ ବଳ)

ତିହିଡ଼ି ତହସିଲ କାର୍ଯ୍ୟାଳୟର ଅତିରିକ୍ତ ତହସିଲଦାରଙ୍କୁ ଜଣେ ଯୁବକ ଶନିବାର ଦୁର୍ବ୍ୟବହାର କରିବା ସହ ଆକ୍ରମଣ ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ତିହିଡ଼ି ପୋଲିସ ଏହି ଘଟଣାରେ ଏକ ମାମଲା (ନଂ.୫୩୩/୨୪) ରୁଜୁ କରି ଅଭିଯୁକ୍ତ ଯୁବକଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ ବାସୁଦେବପୁର ଥାନା ଅଧୀନ କୁମାରପୁର ଗ୍ରାମର ମନୋରଞ୍ଜନ ବେହେରା।

ଅଭିଯୋଗ ମୁତାବକ, ମନୋରଞ୍ଜନ ଜାତିଗତ ପ୍ରମାଣପତ୍ର ପାଇଁ ତିହିଡ଼ି ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ତେବେ ତାଙ୍କ ଆବେଦନ ଫର୍ମରେ ତ୍ରୁଟି ଥିବା ଯୋଗୁ ପ୍ରମାଣପତ୍ର ହୋଇପାରି ନ ଥିଲା। ଶନିବାର ମନୋରଞ୍ଜନ ପ୍ରମାଣପତ୍ର ଆଣିବାକୁ ତହସିଲ କାର୍ଯ୍ୟାଳୟକୁ ଯାଇ ଅତିରିକ୍ତ ତହସିଲଦାରଙ୍କୁ ଭେଟିଥିଲେ। ତେବେ ଅତିରିକ୍ତ ତହସିଲଦାର ନମିତା ଧଳ ଆବେଦନ ଫର୍ମରେ ତ୍ରୁଟି ଥିବାରୁ ପ୍ରମାଣପତ୍ର ହୋଇ ନ ଥିବା କହିବାରୁ ଯୁବକ ଜଣକ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏଥିସହିତ ଯୁବକ ଜଣକ ହାତରେ ଧରିଥିବା କାଗଜକୁ ମୋଡ଼ି ଅତିରିକ୍ତ ତହସିଲଦାରଙ୍କ ଉପରକୁ ଫିଙ୍ଗିବା ସହ ଆକ୍ରମଣ ଉଦ୍ୟମ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପରେ ଅତିରିକ୍ତ ତହସିଲଦାର ଧଳ ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ।

# ୨୫୦ ପ୍ରକଳ୍ପ ପ୍ରଦର୍ଶିତ

- ବ୍ଲକସ୍ତରୀୟ ବିଜ୍ଞାନ ମେଳା
- ୭ ପ୍ରତିଯୋଗୀ ଜିଲାସ୍ତରକୁ ମନୋନୀତ

ବାସୁଦେବପୁର,୧।୧୨
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟ ବେତଡ଼ା ପରିସରରେ ଶନିବାର ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା-୨୦୨୪ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବରେଣ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ରାଜକିଶୋର ନାୟକ, ଅନ୍ୟତମ ଅତିଥି ଭାବେ ସରପଞ୍ଚ ଗୋବିନ୍ଦ ମଳିକ, ଜିଲା ପରିଷଦ ସଦସ୍ୟ ଜୟନ୍ତ ବାରିକ୍, ଏବିଇଓ ଉର୍ମିଳା କର, ତପନ ଦ୍ୱିବେଦୀ, ବ୍ଲକ ବିଜ୍ଞାନ ସଂଯୋଜକ ତଥା ଆୟୋଜକ ସ୍କୁଲ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ଅମୀୟ ମହାଳିକ, ସିଆର୍‌ସିସି ପ୍ରଶାନ୍ତ କୁମାର ମଳିକ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଇଓ ଜଗବନ୍ଧୁ ସାହୁ ସଭାରେ ସଭାପତିତ୍ୱ କରିଥିଲେ। ଶିକ୍ଷକ ଗୟାଧର ଦାସ ଅତିଥି ପରିଚୟ ପ୍ରଦାନ ଓ ଦୈତାରୀ ବେହେରା ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିଲେ। ମେଳାରେ ମୋଟ ୨୫୦ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଡିଓ ସଞ୍ଜୀବ କୁମାର ସାହୁ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ସାନଚନ୍ଦ୍ରଭାନୁପୁର ପ୍ରାଥମିକ ବିଦ୍ୟାଳୟର ୪ର୍ଥ ଶ୍ରେଣୀ ଛାତ୍ର ଦେବପ୍ରସାଦ ରାଉଳଙ୍କୁ ସର୍ବଶ୍ରେଷ୍ଠ କୁନି ବୈଜ୍ଞାନିକ ଭାବେ ପୁରସ୍କୃତ କରାଯାଇଥିଲା। ବିଜ୍ଞାନମେଳାରେ ମ୍ରିଣାଳ ମଣ୍ଡଳ, ଜାଗୃତୀପ୍ରଭା ଦାସ, ନିତିଶ କୁମାର ପାଢ଼ୀ, ଦେବପ୍ରସାଦ ରାଉଳ, ସାଗରିକା ବଳ, ହୈମାବତୀ ପଣ୍ଡା, ସ୍ମୃତିରେଖା ବାରିକ୍‌ଙ୍କ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା।


ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି ଛାତ୍ରୀଛାତ୍ର।

# ‘ସଂଯମତା, ସଚେତନତା ଏଡ୍‌ସକୁ ଦୂରେଇ ପାରିବ’

## ଜିଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ

ଭଦ୍ରକ,୧।୧୨(ସନାତନ ରାଉତ)



ଏଡ୍‌ସ ସଚେତନତା ଶୋଭାଯାତ୍ରାରେ ଯୁବତୀ ଓ ମହିଳାମାନେ।

ଦୁରାରୋଗ୍ୟ ଭାବେ ବିବେଚିତ ମହାମାରୀ ଏଡ୍‌ସ ରୋଗର ସଂକ୍ରମଣ ରୋକିବା ନେଇ ରବିବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜନ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଭଦ୍ରକ ଜିଲା କାର୍ଯ୍ୟାଳୟଠାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜିଲାପାଳ ଦିଲୀପ ରାଉତରାଏ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥିଭାବେ ଉପ ଜିଲାପାଳ ସୌରଭ ଚକ୍ରବର୍ତ୍ତୀ ଲାୟନ୍ସ କ୍ଲବ୍‌ର ସଭାପତି ଅଶୋକ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଶୁଭମ୍ ନର୍ସିଂ ହୋମ ଏବଂ ଭଦ୍ରକ କଲେଜର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ସମ୍ବଳିତ ପ୍ଲାକାର୍ଡ଼ ପ୍ରଦର୍ଶନ କରି ସ୍ଲୋଗାନ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ସିଡିଏମ୍‌ଓ ସୁଧାଂଶୁ ଶେଖର ବଳଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଜିଲାପାଳ, ଉପ ଜିଲାପାଳ, ଏଡିପିଏଚ୍‌ଓଟିବି, ଡା. ସନ୍ତୋଷ ପୃଷ୍ଟି, ଡିପିଏମ୍ ସରିତା ମହାପାତ୍ର, ଫେଲୋସିପ୍ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇ ଏଡ୍‌ସ ସଚେତନତା ନେଇ ଚଳିତ ବର୍ଷ ପାଇଁ ରଖାଯାଇଥିବା ବିଷୟ ‘ଅଧିକାରର ସଠିକ୍ ମାର୍ଗ ଅନୁସରଣ କରିବା’ ଶୀର୍ଷକ ଉପରେ ଆଲୋକପାତ କରିଥିଲେ। ଆଚରଣ ଓ ଉଚ୍ଚାରଣରେ ଆମେ ସମସ୍ତେ ସଂଯମତା ଅବଲମ୍ବନ ସହ ସଚେତନତା ଦ୍ୱାରା ସମାଜକୁ ଏଡ୍‌ସ ମୁକ୍ତ କରିପାରିବା ବୋଲି ଜିଲାପାଳ ପ୍ରକାଶ କରିଥିଲେ। ରୋଗକୁ ଘୃଣା କରିବା ମାତ୍ର ରୋଗୀକୁ ନୁହେଁ। ଯେଉଁମାନେ ଏଡ୍‌ସ ସହ ଜୀବନ ଜୀଉଁଛନ୍ତି ସେମାନଙ୍କ ଅଧିକାର ପ୍ରତି ଆମେ ସମସ୍ତେ ସମ୍ବେଦନଶୀଳ ହେବା ଆମର କର୍ତ୍ତବ୍ୟ ବୋଲି ଅତିଥିମାନେ ମତାମତ ପ୍ରକାଶ କରିଥିଲେ। ଏହି ଦିବସ ପାଳନ ଉପଲକ୍ଷେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ଏରେଇଁ, ଚରମ୍ପା ଠାରେ ଆୟୋଜିତ ରକ୍ତଦାନ ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ସନ୍ଧ୍ୟାରେ ରେଳଷ୍ଟେଶନ, ଚରମ୍ପାଠାରେ ସଚେତନତା ଉଦ୍ଦେଶ୍ୟରେ ଏକ କ୍ୟାଣ୍ଡଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଡିପିଏମ୍ ଡିଏପିସିୟୁ, ଦେବବ୍ରତ ମହାପାତ୍ରଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ସଂକ୍ଷେପରେ

### ଘରେ ପଶି ଟଙ୍କା, ସୁନା ଲୁଟ୍

**ଉଦଳା, ୧।୧୨ (ସନ୍ତୋଷ କୁମାର ବାଛିନୀ)**

ଉଦଳା ଏନ୍ଏସି ଅଧୀନ ୧୨ନଂ. ୱାର୍ଡରେ ରହୁଥିବା ଶ୍ରୀଦାମଚନ୍ଦ୍ରପୁର ଡାକ୍ତରଖାନାର ଫାର୍ମାସିଷ୍ଟ ପୀତବାସ ଦାସଙ୍କ ଘରୁ ଚୋରି ହୋଇଛି। ପୀତବାସ କୌଣସି କାମରେ ସପରିବାର ବାହାରକୁ ଯାଇଥିବା ବେଳେ କେହି ତାଙ୍କ ଘରେ ପଶି ଲୁଟ୍ କରିଥିବା ଉଦଳା ଥାନାରେ ଅଭିଯୋଗ କରିଛନ୍ତି। ଲୁଟେରାମାନେ ନଗଦ ୮୦ ହଜାର ଟଙ୍କା ସମେତ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଥିବା ଅଭିଯୋଗରେ ଦର୍ଶାଯାଇଛି। ସାଇଣ୍ଟିଫିକ ଟିମ୍ ସହାୟତାରେ ଉଦଳା ପୋଲିସ ତଦନ୍ତ ଜାରି ରଖିଛି।

### ରଘୁପୁର ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

**ୱାର୍ଡସଭ୍ୟଙ୍କ ଦସ୍ତଖତ ଯାଞ୍ଚ ପାଇଁ ନିର୍ଦ୍ଦେଶ**

**ବୈଶିଙ୍ଗା, ୧।୧୨ (ରତନ ଦାଶ)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଧୀନ ରଘୁପୁର ପଞ୍ଚାୟତର ସରପଞ୍ଚ ବତୀ ସିଂଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଅରଗତ ହୋଇଛି। ସରପଞ୍ଚ ସରକାରୀ ଅର୍ଥର ତୋଷରପାତ କରିଥିବା ନେଇ ଏହି ପଞ୍ଚାୟତର ୧୦ ଜଣ ୱାର୍ଡସଭ୍ୟ ବାରିପଦା ସଦର ଉପଜିଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି। ଏହା ସହ ସରପଞ୍ଚଙ୍କୁ ଓଡ଼ିଆ ଲେଖି ପଢ଼ି ଆସେନାହିଁ ବୋଲି ମଧ୍ୟ ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଅଭିଯୋଗ ପାଇବା ପରେ ଉପଜିଲାପାଳ ଈଶ୍ୱର ଚନ୍ଦ୍ର ନାୟକ ୱାର୍ଡସଭ୍ୟଙ୍କର ଦସ୍ତଖତ ଯାଞ୍ଚ କରି ରିପୋର୍ଟ ପ୍ରଦାନ ସକାଶେ ବେତନଟୀ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋପୀନାଥ ଖାଖାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପଞ୍ଚାୟତରେ କାର୍ଯ୍ୟକାରୀ ହୋଇଥିବା ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାଠାରୁ ଆରମ୍ଭ କରି ଓଭର ହେଡ୍ ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ ସରକାରୀ ଅର୍ଥର ବ୍ୟାପକ ଦୁରୁପଯୋଗ ହୋଇଥିବା ନେଇ ଅଭିଯୋଗ ପତ୍ରରେ ଦର୍ଶାଯାଇଛି। ଏନେଇ ଖୁବଶୀଘ୍ର ଅଭିଯୋଗକାରୀ ୱାର୍ଡସଭ୍ୟମାନଙ୍କ ସହିତ ଆଲୋଚନା ବୈଠକ କରି ସେମାନଙ୍କ ଦସ୍ତଖତ ଯାଞ୍ଚ କରାଯିବାର ପ୍ରସ୍ତୁତି ଚାଲିଥିବା ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ସୂଚନା ଦେଇଛନ୍ତି।

# ପାରମ୍ପରିକ ନୃତ୍ୟରେ ଦୁଲୁକିଲା ସହର

- ୧୦ ଦିନ ଚାଲିବ ମୟୂରଭଞ୍ଜ ମହୋତ୍ସବ
- ନୃତ୍ୟ, ସଙ୍ଗୀତର ସାଂସ୍କୃତିକ ସନ୍ଧ୍ୟାରେ ଝୁମିବେ ଦର୍ଶକ

**ବାରିପଦା, ୧।୧୨ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**


ଉଦ୍‌ଘାଟନୀ ଉତ୍ସବରେ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ।

ମୟୂରଭଞ୍ଜ ଜିଲାର କଳା ସଂସ୍କୃତିକୁ ନେଇ ରବିବାରଠାରୁ ଆରମ୍ଭ ହୋଇଛି ମୟୂରଭଞ୍ଜ ମହୋତ୍ସବ। ଉଦ୍‌ଘାଟନୀ ଉତ୍ସବରେ ସାଂସ୍କୃତିକ ଶୋଭାଯାତ୍ରା ସାଙ୍ଗକୁ ନୃତ୍ୟବାଦ୍ୟରେ ସହର ଦୁଲୁକି ପଡ଼ିଥିଲା। ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ହାତକୁ ହାତ ଓ କାନ୍ଧକୁ କାନ୍ଧ ମିଶାଇ କଳାକାରମାନେ ନୃତ୍ୟକଳା ପ୍ରଦର୍ଶନ କରିଥିଲେ। ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉ ବିଜେଙ୍କ ମନ୍ଦିରଠାରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ପ୍ରସିଦ୍ଧ ଛଉ ପଡ଼ିଆରେ ପହଞ୍ଚିଥିଲା। ଆଦିବାସୀ ନୃତ୍ୟ ଓ ଧୁମ୍‌ସା ବାଦ୍ୟରେ ସହର ପ୍ରକମ୍ପିତ ହେଉଥିବା ବେଳେ ହଜାର ହଜାର ଦର୍ଶକ ଏହାକୁ ଉପଭୋଗ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ କମିଟିର କାର୍ଯ୍ୟକାରୀ ସଭାପତି ତଥା ସିନେ କଳାକାର ଅସିତ ପତି, ବାରିପଦା ପୌରାଧ୍ୟକ୍ଷ ତଥା ମହୋତ୍ସବ କମିଟିର ଚେୟାରମ୍ୟାନ କୃଷ୍ଣାନନ୍ଦ ମହାନ୍ତି, କମିଟିର ସମ୍ପାଦକ କଳିଙ୍ଗ କେଶରୀ ଜେନା, ବିପ୍ଳବ ଭଞ୍ଜନ ବୁଗୁଡ଼େଇ ପ୍ରମୁଖ ଉପସ୍ଥିତ ରହି ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଛନ୍ତି। ୮ଟି ପାରମ୍ପରିକ ନୃତ୍ୟ ଦଳ ଓ ଡିଜେ ବଜାଇ ବଜାର ପରିକ୍ରମା କରାଯାଇଛି। ଜିଲାର କୋଣ ଅନୁକୋଣରେ ଲୁଚି ରହିଥିବା କଳାକୃତି ଓ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ୭ମ ବର୍ଷରେ ପଦାର୍ପଣ କରିଛି ଏହି ମହୋତ୍ସବ। ଜିଲା ତଥା ରାଜ୍ୟ ଓ ରାଜ୍ୟ ବାହାରୁ ଆଦିବାସୀ ନୃତ୍ୟ, ସଙ୍ଗୀତ ଓ ପରମ୍ପରାର ଝଲକ ପରିବେଷଣ ହେବା ସହିତ ନାମିଦାମୀ କଳାକାରଙ୍କୁ ନେଇ ୧୦ଦିନ ବ୍ୟାପୀ ଛଉ ପଡ଼ିଆରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ମହୋତ୍ସବ ଆସନ୍ତା ୧୧ତାରିଖ ପର୍ଯ୍ୟନ୍ତ ଚାଲିବ। ଜିଲାର ସଦର ମହକୁମା ବାରିପଦା ଛଉ ପଡ଼ିଆରେ ଅନୁଷ୍ଠିତ ମହୋତ୍ସବରେ ବାରୁଣେଶ୍ୱର ମହାଦେବଙ୍କ ମନ୍ଦିର ତୋରଣ ମୁଖ୍ୟ ଆକର୍ଷଣ ରହିଛି। ଆଦିବାସୀ ପରମ୍ପରାକୁ ନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ୩ଦିନ ଧରି ରଖାଯାଇଛି। ୩ଦିନ ଓଡ଼ିଆ କାର୍ଯ୍ୟକ୍ରମ ସାଙ୍ଗକୁ ୨ଦିନ କୁଡୁମାଲି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ୨ତାରିଖରେ କୁଲଦୀପ ଓ ଅନ୍ତରା ଚକ୍ରବର୍ତ୍ତୀ ମଞ୍ଚରେ ସଙ୍ଗୀତ ପରିବେଷଣ କରିବାକୁ ଥିବା ବେଳେ ୩ ତାରିଖରେ ପ୍ରସିଦ୍ଧ ଗାୟିକା ତଥା ସାରେଗାମା ବିଜେତା ଅଙ୍କିତା ଭଟ୍ଟାଚାର୍ଯ୍ୟ ଟିମ୍ ସହ ସଙ୍ଗୀତ ପରିବେଷଣ କରିବେ। ୪ରେ କୁଡୁମାଲି ଗାୟିକା ଲିପିନୀ ଓ ରଞ୍ଜିତ ମହାନ୍ତ, ୫ରେ ଆଦିବାସୀ ସନ୍ଧ୍ୟାରେ ମଙ୍ଗଳ ହାଁସଦା, ୬ରେ ପାମେଲା ଜୈନ, ଶଶାଙ୍କ ଶେଖର ଓ ସ୍ୱରାଜ ବାରିକ ମଞ୍ଚରେ ଉପସ୍ଥିତ ରହିବେ। ୭ରେ ଆଦିବାସୀ ସଙ୍ଗୀତ ରାମ ମୁଣ୍ଡାରୀ, ରଞ୍ଜିତ ସିଂ ଏବଂ ବାବୁଲ ଅଙ୍ଗରାଇ, ୮ରେ ହାସ୍ୟ ଅଭିନେତା ତତ୍ତ୍ୱପ୍ରକାଶ ଶତପଥୀ (ପପୁ ପମ୍‌ପମ୍) ଙ୍କ ସହ କଣ୍ଠଶିଳ୍ପୀ ଇରା ମହାନ୍ତି, ୯ରେ କୁଡୁମାଲି ସନ୍ଧ୍ୟାରେ ଗୌତମ, ପମି ଓ ଉର୍ମିଳା ମହାନ୍ତ ଓ ୧୦ରେ ଆଦିବାସୀ ସୁପରଷ୍ଟାର କଳ୍ପନା ହାଁସଦା ଟିମ୍ ସହ ସଙ୍ଗୀତ ପରିବେଷଣ କରିବେ। ଉଦ୍‌ଯାପନୀ ସନ୍ଧ୍ୟାରେ ବଲିଉଡ ଗାୟିକା କବିତା କ୍ରିଷ୍ଣମୂର୍ତ୍ତିଙ୍କ ସହ ଟିମ୍ ସଙ୍ଗୀତରେ ବିମୋହିତ କରିବେ ବୋଲି କମିଟି ସୂଚନା ଦେଇଛି।

## ଗଜସାଥୀ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର

**କରଞ୍ଜିଆ, ୧।୧୨ (କବିତା ମହାନ୍ତ)**


ଶିବିରରେ ଉପସ୍ଥିତ ଅତିଥିମାନେ।

କରଞ୍ଜିଆ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ରବିବାର ଗଜସାଥୀମାନଙ୍କୁ ନେଇ ଏକ ଦିନିକିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଆୟୋଜିତ ହୋଇଯାଇଛି। କରଞ୍ଜିଆ ଡିଏଫଓ ଶ୍ରୀକାନ୍ତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଅବସରପ୍ରାପ୍ତ ରେଞ୍ଜ ଅଧିକାରୀ ପ୍ରଦୀପ ପୃଷ୍ଟି, ଆଶିଷ କୁମାର ମହାନ୍ତ, ସାମାଜିକ କର୍ମୀ ସୁରେନ୍ଦ୍ର ହାଁସଦା ଯୋଗ ଦେଇଥିଲେ। ପ୍ରଶିକ୍ଷଣ ଶିବିରକୁ ଏସିଏଫ୍ ମଦନ ମୋହନ ମହାନ୍ତ ପରିଚାଳନା କରିଥିଲେ। ମୁଖ୍ୟ ପ୍ରଶିକ୍ଷକଭାବେ ସୁବ୍ରତ ବିଶ୍ୱାଳ ଯୋଗଦେଇଥିଲେ। କରଞ୍ଜିଆ ରେଞ୍ଜ ଅଧିକାରୀ, ପ୍ରଶାନ୍ତ କୁମାର ସ୍ୱାଇଁ, ବିଜୟ ବାରିକ ଶିବିର ପରିଚାଳନା କରିଥିଲେ।

## ବାଲି ବୋଝେଇ ଟ୍ରାକ୍ଟର ଜବତ

**ମୋରଡ଼ା, ୧।୧୨ (ସ୍ମାରକ ମାଜୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଘୋଳମୁହାଁ ଘାଟରୁ ବାଲି ଚାଲାଣ ବେଳେ ପୋଲିସ ଏକ ଟ୍ରାକ୍ଟର ଜବତ କରିଛି। ରବିବାର ସକାଳେ ମୋରଡ଼ା ଥାନା ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଶୀର୍ଷାପାଳ ଛକ ନିକଟରୁ ଟ୍ରାକ୍ଟର ଜବତ କରିବା ସହିତ ଡ୍ରାଇଭରଙ୍କୁ ମଧ୍ୟ ଗିରଫ କରିଥିବା ଥାନା ଅଧିକାରୀ ସତ୍ୟନାରାୟଣ ବଳ ସୂଚନା ଦେଇଛନ୍ତି। ଗିରଫ ଡ୍ରାଇଭର ଜଣକ ହେଲେ ଗଣେଶ ଚପେୟାର।

## ୨୫ ଘଣ୍ଟା ପରେ ହଟିଲା ରାସ୍ତା ଅବରୋଧ

**ସଡ଼କ ଦୁର୍ଘଟଣାରେ ୪ଜଣଙ୍କ ମୃତ୍ୟୁ ଘଟଣା**

**ରାଇରଙ୍ଗପୁର, ୧।୧୨ (ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ଅଧୀନ ବହଳଦା ଏବଂ ତିରିଙ୍ଗ ମଧ୍ୟରେ ଥିବା ୨୨୦ନଂ. ଜାତୀୟ ରାଜପଥରେ ଶନିବାର ସିରିଜ୍ ସଡ଼କ ଦୁର୍ଘଟଣାରେ ୪ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗ୍ରାମବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରଶାସନିକ ଅଧିକାରୀ ଏବଂ ପୋଲିସ ସହ ଆଲୋଚନା ପରେ ୨୫ ଘଣ୍ଟା ପରେ ରାସ୍ତା ଅବରୋଧ ପ୍ରତ୍ୟାହାର ହୋଇଛି। ରବିବାର ରାଇରଙ୍ଗପୁର ଉପଜିଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ଅତିରିକ୍ତ ଏସ୍‌ପି ନାରାୟଣ ନାୟକ, ଏସ୍‌ଡିପିଓ ଗୋକୁଳାନନ୍ଦ ସାହୁ ଏବଂ ବହଳଦା ଥାନା ଅଧିକାରୀ ବୀରେନ୍ଦ୍ର ରାଉତଙ୍କ ସମେତ ଅନ୍ୟ ପ୍ରଶାସନିକ ପଦାଧିକାରୀ ଗ୍ରାମବାସୀ, ପୂର୍ବତନ ବିଧାୟକ ବୁଢ଼ାନ ମୁର୍ମୁ ଓ ଜେଏମ୍‌ଏମ୍ ରାଜ୍ୟ ସଭାନେତ୍ରୀ ଅଞ୍ଜଳି ସୋରେନଙ୍କ ପ୍ରମୁଖଙ୍କ ସହ ଆଲୋଚନା କରିଥିଲେ। ମୃତ ବ୍ୟକ୍ତିଙ୍କ ପରିବାର ବର୍ଗଙ୍କୁ ମୋଟ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପରେ ରାସ୍ତା ଅବରୋଧ ହଟିଥିଲା।

## ଭାଜପାରେ ମିଶିଲେ ବିଜେଡି, ଜେଏମ୍‌ଏମ୍ କର୍ମୀ


ଭାଜପାରେ ସାମିଲ ହୋଇଥିବା ବିଜେଡି ଓ ଜେଏମ୍‌ଏମ୍ କର୍ମୀମାନେ।

**ଉଦଳା, ୧।୧୨ (ସନ୍ତୋଷ କୁମାର ବାଛିନୀ)**

ଦେବକୁଣ୍ଡ ମଣ୍ଡଳସ୍ତରରେ ଭାଜପାର ମିଶ୍ରଣ ପର୍ବ ରବିବାର ଅନୁଷ୍ଠିତ ହୋଇଛି। ଉଦଳା ବିଧାୟକ ଭାସ୍କର ମଢ଼େଇଙ୍କ ଉପସ୍ଥିତିରେ କୁଣ୍ଡାବାଇ, ଶ୍ରୀଦାମଚନ୍ଦ୍ରପୁର, ନୂଆଗାଁ ପଞ୍ଚାୟତ ଅଞ୍ଚଳର ଶତାଧିକ ନେତା ଏବଂ କର୍ମୀ ବିଜେଡି ଓ ଜେଏମ୍‌ଏମ୍ ଛାଡ଼ି ଭାଜପାର ସାମିଲ ହୋଇଛନ୍ତି। ଏହି ୩ଟି ପଞ୍ଚାୟତରେ ପୂର୍ବରୁ ବିଜେଡି ଏବଂ ଜେଏମ୍‌ଏମ୍‌ରେ ସକ୍ରିୟ ଥିବା କର୍ମୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ସରକାରଙ୍କ କାର୍ଯ୍ୟ ଧାରାରେ ଅନୁପ୍ରାଣିତ ହୋଇ ଭାଜପାରେ ସାମିଲ ହୋଇଥିବା କହିଛନ୍ତି। ବିଧାୟକ ମଢ଼େଇ ସମସ୍ତଙ୍କୁ ଉତ୍ତରୀୟ ଏବଂ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏହା ସହିତ ଆଗାମୀ ଦିନରେ କିପରି ଅଞ୍ଚଳର ବିକାଶ ହୋଇପାରିବ ସେ ଦିଗରେ ସମସ୍ତେ ମିଶି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ବିଧାୟକଙ୍କ ସହିତ ଏନ୍ଏସି ନଗରପାଳ ପ୍ରମିଳା ପଣ୍ଡା, ବରିଷ୍ଠ ଭାଜପା ନେତା କମଳ କୁମାର ଧଳ, ବିଭୂତି ମହାନ୍ତ, ଶରତ ଚନ୍ଦ୍ର ଦାସ, ପ୍ରଭାତ ପରିଡ଼ା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁଲାଲ ସୋରେନ ଓ ପ୍ରାଣକୃଷ୍ଣ ବେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## କେନ୍ଦୁଝର

### ଦୋଷୀଙ୍କୁ ୫ ବର୍ଷ ଜେଲଦଣ୍ଡ

**ମହିଳାଙ୍କୁ ବଳାତ୍କାର ଉଦ୍ୟମ ମାମଲା**

**ଛେନାପଦି, ୧।୧୨ (ନିରାକାର ପରିଡା)**

କେନ୍ଦୁଝର ଜିଲା ଆନନ୍ଦପୁର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ଜଣେ ମହିଳାଙ୍କୁ ବଳାତ୍କାର ଉଦ୍ୟମ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ପ୍ରଜ୍ୟୋତି ରାଉତ ମାମଲାର ବିଚାର କରି ଅଭିଯୁକ୍ତ ସୁକୁଟି ଜେନାଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଜେଲ ଦଣ୍ଡ ଶୁଣାଇଛନ୍ତି। ଏଥି ସହିତ ୫ ଶହ ଟଙ୍କା ଜରିମାନା କରିଛନ୍ତି। ମାମଲା ବିବରଣୀ ଅନୁଯାୟୀ, ନନ୍ଦିପଦା ଥାନା ପନ୍ଦାଡ଼ୋ ଗ୍ରାମରେ ୨୦୧୯ରେ ଜଣେ ମହିଳା ତାଙ୍କ ସମ୍ପର୍କୀୟଙ୍କୁ ରାସ୍ତାରେ ଅପେକ୍ଷା କରିଥିଲେ। ଅଭିଯୁକ୍ତ ସୁକୁଟି ଜେନା ମହିଳାଙ୍କୁ ଏକୁଟିଆ ପାଇ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଚିତ୍କାର ଶୁଣି ସ୍ଥାନୀୟ ଲୋକମାନେ ଆସିଯିବାରୁ ଅଭିଯୁକ୍ତ ପଳାଇଥିଲେ। ମହିଳାଙ୍କ ଅଭିଯୋଗ ଆଧାରରେ ନନ୍ଦିପଦା ପୋଲିସ ଏକ ମାମଲା (ନଂ. ୧୦୮/୨୦୧୯) ରୁଜୁ କରିଥିଲା। ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜଜ୍ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟ ଆଧାରରେ ଉପରକ୍ତ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ସରକାରୀ ଓକିଲ ଅଶ୍ୱିନୀ ମଲ୍ଲିକ ସୂଚନା ଦେଇଛନ୍ତି।

### ଯୁବକଙ୍କ ଆତ୍ମହତ୍ୟା

**ଢେଙ୍କିକୋଟ, ୧।୧୨ (ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସରାସପଶି ପଞ୍ଚାୟତ ଗୋବ୍ରାବେଡ଼ା ଗ୍ରାମରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଗୋବ୍ରା ବେଡା ଗ୍ରାମର ଦେବପ୍ରସାଦ ନାୟକ (୨୩)। ସେ ଭୁବନେଶ୍ୱର ଏକ ଘରୋଇ କଲେଜରେ ଇଲେକ୍ଟ୍ରିକାଲରେ ଡିପ୍ଲୋମା କରୁଥିଲେ। ରବିବାର ବାପା, ମାଆ ବିଲକୁ ଧାନ କାଟିବା ପାଇଁ ଯାଇଥିବା ବେଳେ ସେ ଶୋଇବା ଘରେ କବାଟ ବନ୍ଦ କରି ଝୁଲି ପଡ଼ିଥିଲେ। ବାପା, ମା' ଘରକୁ ଫେରି କବାଟ ନ ଖୋଲିବାରୁ ଭାଙ୍ଗି ପୁଅ ଝୁଲିଥିବା ଦେଖିଥିଲେ। ତାଙ୍କୁ ପାଟଣା ଡାକ୍ତରଖାନାକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ମୃତ୍ୟୁ କାରଣ ଜଣାପଡ଼ିନାହିଁ ବୋଲି ପୋଲିସ କହିଛି।

## 'ମୁକ୍ତ ସମାଜ ଗଠନରେ ଯୁବକଙ୍କ ନେତୃତ୍ୱ ଅପରିହାର୍ଯ୍ୟ'

**ବିଶ୍ୱ ଏଡ୍‌ସ ଦିବସ**

**କେନ୍ଦୁଝର, ୧।୧୨ (ଦୀପକ ମିଶ୍ର)**



ବୈଠକରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ଆଇଡିପିହଲରେ ଯୁବ ରେଡ୍ କ୍ରସ୍ ପକ୍ଷରୁ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଯୁବ ରେଡ୍‌କ୍ରସ କାଉନ୍‌ସିଲର ଅଧାପିକା ମମତା ମଞ୍ଜରୀ ପଣ୍ଡାଙ୍କ ସଭାପତିତ୍ୱରେ 'ମୋ ସ୍ୱାସ୍ଥ୍ୟ ମୋ ଅଧିକାର' ଶୀର୍ଷକ ଏହି ଦିବସରେ ଓସ୍କା ସମ୍ପାଦିକା ଧରିତ୍ରୀ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏଡ୍‌ସର ଭୟବହତା ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଅନ୍ୟତମ ଅତିଥି ଜିଲା ଖଣିଜ ପ୍ରତିଷ୍ଠାନ ଜନସମ୍ପର୍କ ଅଧିକାରୀ ଅବିନାଶ ବେହେରା କହିଥିଲେ, ଏକ ମୁକ୍ତ ସମାଜ ଗଠନରେ ଆଜିର ଯୁବ ସମାଜଙ୍କ ନେତୃତ୍ୱ ଏକାନ୍ତ ଅପରିହାର୍ଯ୍ୟ ହୋଇପଡ଼ିଛି। ଯୁବକମାନେ ହିଁ ବିଶ୍ୱକୁ ଏ ମୁକ୍ତ ବାତାବରଣ ଦେଇପାରିବେ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଜିଲା ରେଡ୍‌କ୍ରସ ଯୁଗ୍ମ ସମ୍ପାଦକ ଏଆର ଖାନ ଯୋଗଦେଇ ଜଣେ ଏଚ୍‌ଆଇଭି ଗ୍ରସ୍ତ ବ୍ୟକ୍ତିର ସମାଜରେ ସମ୍ମାନ ପୂର୍ବକ ବସବାସ କରିବାର ସମ୍ପୂର୍ଣ ଅଧିକାର ଅଛି ବୋଲି କହିଥିଲେ। ଏନ୍‌ସିସି ଅଫିସର ସଲମା କିସ୍‌କୁ ପରିଚାଳନା କରିଥିଲେ।

**ଯୋଡ଼ା ମହିଳା ମହାବିଦ୍ୟାଳୟ**

**ଯୋଡ଼ା (ମାନସ ମହାନ୍ତି):** କେନ୍ଦୁଝର ଜିଲା ଯୋଡ଼ା ମହିଳା ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ରେଡ୍ ରିବନ କ୍ଲବ ତରଫରୁ କଲେଜର ସଭାଗୃହରେ ଏଚଆଇଭି-ଏଡ୍‌ସ ଉପରେ ସଚେତନତା ସଭା ଆୟୋଜିତ ହୋଇଥିଲା। କଲେଜର ଅଧ୍ୟକ୍ଷା ଜୟଶ୍ରୀ ମହାନ୍ତି, ଅଧାପିକା ଗୀତା ମିଶ୍ର, ଅଧାପିକା ଶୁଚିସ୍ମିତା ସିଂ ଏଡ୍‌ସ ରୋଗ ଉପରେ ବାର୍ତ୍ତା ଦେଇ ଛାତ୍ରୀଙ୍କୁ ସଚେତନ କରାଇଥିଲେ। କଲେଜର +୩ ଯୁଥ ରେଡ୍ କ୍ରସ କାଉନ୍‌ସିଲ ଥିବା ଅଧାପକ ପବିତ୍ର ମୋହନ କର ପରିଚାଳନା କରିଥିଲେ। ଅଧାପିକା ଐଶର୍ଯ୍ୟାମୟୀ ପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଶ୍ରୀ ବଳଦେବଜୀଉଙ୍କ ମନ୍ଦିରରେ ଦେବ ଦୀପାବଳି

**କେନ୍ଦୁଝର, ୧।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝରର ଆରାଧ୍ୟ ଶ୍ରୀ ବଳଦେବଜୀଉଙ୍କ ଦେବ ଦୀପାବଳି ରବିବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ମନ୍ଦିର ପରିସରରେ ଥିବା ସବୁଦେବଦେବୀଙ୍କ ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଇଛି। ଉପ ଜିଲାପାଳ ତଥା ଦେବତୋର ବିଭାଗ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ସେବାୟତମାନେ ଏହି କାର୍ଯ୍ୟ ସମ୍ପନ୍ନ କରିଥିଲେ। ସେବାୟତଙ୍କୁ ଏହି ଅବସରରେ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ପୂଜକ ପଦ୍ମନାଭ ନନ୍ଦ, ସୁଜିତ ଦାଶ ପ୍ରମୁଖ କାର୍ଯ୍ୟ ସମ୍ପନ୍ନ କରିଥିବା ପରିଚାଳକ ପଞ୍ଚାନନ ସାହୁ ସୂଚନା ଦେଇଛନ୍ତି।

## ଏସ୍‌ୟୁଜେର ସାଧାରଣ ପରିଷଦ ବୈଠକ



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ଅତିଥିମାନେ।

**କେନ୍ଦୁଝର, ୧।୧୨ (ଦୀପକ ମିଶ୍ର /ନରେଶ ଚନ୍ଦ୍ର ପଟ୍ଟନାୟକ)**

ଷ୍ଟେଟ୍ ୟୁନିଅନ ଅଫ ଜର୍ନାଲିଷ୍ଟସ (ଏସ୍‌ୟୁଜେ) ଓଡ଼ିଶା କେନ୍ଦୁଝର ଜିଲା ଶାଖାର ବାର୍ଷିକ ଉତ୍ସବ ଏବଂ ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ସହରର ସିରାଜୁଦ୍ଦିନ ଛକ ନିକଟସ୍ଥ ଏକ ହୋଟେଲରେ ଅନୁଷ୍ଠିତ ବୈଠକରେ ୨୦୨୫-୨୬ ବର୍ଷ ନିମନ୍ତେ ଜିଲା କମିଟି ଗଠନ ମଧ୍ୟ ହୋଇଥିଲା। ଜିଲା ସଭାପତି ବିନୟ ଭୂଷଣ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭାପତି କୈଳାଶ ଚନ୍ଦ୍ର ନାୟକ, ମୁଖ୍ୟ ବକ୍ତାଭାବେ କେନ୍ଦୁଝର ଜିଲା ଶାଖା ପର୍ଯ୍ୟବେକ୍ଷକ ରାଜ୍ୟ ଉପ ସଭାପତି ବାସୁଦେବ ତ୍ରିପାଠୀ, ସମ୍ମାନିତ ଅତିଥିଭାବେ ରାଜ୍ୟ ଉପଦେଷ୍ଟା ବିଭୂତି ଭୂଷଣ ପଟ୍ଟନାୟକ, ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ଦିଲ୍ଲୀପ ମିଶ୍ର, ରାଜ୍ୟ ଯୋଗାଯୋଗ ମୁଖ୍ୟ କାର୍ଯ୍ୟନିର୍ବାହୀ ଶଶୀଭୂଷଣ ଷଡ଼ଙ୍ଗୀ, ରାଜ୍ୟ କାର୍ଯ୍ୟକାରିଣୀ ସ୍ୱତନ୍ତ୍ର ନିମନ୍ତ୍ରିତ ସଭ୍ୟ ଡ଼ଃ ନିତ୍ୟାନନ୍ଦ ମିଶ୍ର ପ୍ରମୁଖ ଯୋଗଦେଇ ଆଲୋଚ୍ୟ ବିଷୟ 'ଗଣମାଧ୍ୟମର ଭବିଷ୍ୟତ' ଉପରେ ଆଲୋଚନା କରିଥିଲେ। ଜିଲା ସାଧାରଣ ସମ୍ପାଦକ ଶ୍ରୀକୁମାର ମିଶ୍ର ବିବରଣୀ ପାଠ କରିଥିବା ପାର୍ଥସାରଥୀ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ କାର୍ଯ୍ୟକର୍ତ୍ତା ଘୋଷଣା ହୋଇଥିଲା।

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

- ୪୯ ନମ୍ବର ଜାତୀୟ ରାଜପଥରେ ପୁଣି ଦୁର୍ଘଟଣା
- ଗତ ରବିବାର ଦମ୍ପତିଙ୍କ ମୃତ୍ୟୁ ଘଟିଥିଲା

**ପାଟଣା, ୧।୧୨ (ବୀର କିଶୋର ଦାଶ)**

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ ଝାରବେଡ଼ା ଛକ ନିକଟରେ ଭାରସାମ୍ୟ ହରାଇ ଏକ ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ମୟୂରଭଞ୍ଜ ଜିଲା କରଞ୍ଜିଆ ଥାନା ଚଢ଼େଇଭୋଳ ଗ୍ରାମର ଏମ ଡି ମୁଶାରଫ (୪୦)। ସେ ଝିଅ ବିବାହ ତାରିଖ ଧାର୍ଯ୍ୟ ପାଇଁ ଘରକୁ ବର ପକ୍ଷ ବନ୍ଧୁ ଆସୁଥିବା ଯୋଗୁ କେନ୍ଦୁଝର ବଜାରକୁ ସାମଗ୍ରୀ କିଣିବାକୁ ଯାଉଥିଲେ। ସେ ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଏନ୍‌ଏଚଆଇ ଆମ୍ବୁଲାନ୍ସ ସହାୟତାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତୁରୁମୁଙ୍ଗା ପୋଲିସ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଥାନାରେ ଏକ ମାମଲା (ନଂ. ୩୧୯/୨୪) ରୁଜୁ ହୋଇଥିବା ଏଏସ୍‌ଆଇ ଦେବେନ୍ଦ୍ର ମୁର୍ମୁ କହିଛନ୍ତି। ସୂଚନା ଯୋଗ୍ୟ, ଗତ ରବିବାର ଉକ୍ତ ସ୍ଥାନରେ ଟ୍ରକ ଦୁର୍ଘଟଣାରେ ଦମ୍ପତିଙ୍କ ମୃତ୍ୟୁ ଘଟିଥିଲା। ଉକ୍ତ ସ୍ଥାନରେ ହମ୍ପସ ନିର୍ମାଣ ପାଇଁ ଲୋକେ ଦାବି କରି ରାଜପଥକୁ ଅବରୋଧ କରିଥିଲେ। ଏନ୍‌ଏଚ୍‌ଆଇ ପକ୍ଷରୁ ଉକ୍ତ ସ୍ଥାନରେ ହମ୍ପସ ନିର୍ମାଣ କରାଯାଇଥିଲେ ମଧ୍ୟ କୌଣସି ସତର୍କ ସୂଚନା ନ ଥିବା ଯୋଗୁ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇଛି।

## ନୂତନ ଯୋଗାଣ ଅଧିକାରୀଙ୍କ ଯୋଗଦାନ

**ଛେନାପଦି, ୧।୧୨: (ନିରାକାର ପରିଡା)**

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍‌ରେ ନୂତନ ଯୋଗାଣ ଅଧିକାରୀ ଭାବେ ଶନିବାର ସତ୍ୟନାରାୟଣ ପଟ୍ଟନାୟକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ସାହୁଙ୍କର ମୟୂରଭଞ୍ଜ ଜିଲାକୁ ବଦଳି ହେବା ପରେ ତାଙ୍କ ସ୍ଥାନରେ ସତ୍ୟନାରାୟଣ ପଟ୍ଟନାୟକଙ୍କୁ ନିଯୁକ୍ତି ମିଳିଛି।

## ମଙ୍ଗଳାପଶିରେ ୨୮ଟିକିଆ ହାତୀପଲ

**କେନ୍ଦୁଝର, ୧।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)**



କେନ୍ଦୁଝର ବନଖଣ୍ଡ ସଦର ରେଞ୍ଜ ମଙ୍ଗଳାପଶି ଅରଡେଇ ନଦୀ କଡ଼ ଓ ମୁରୁସୁଆଁ ଶାଳ ଜଙ୍ଗଲରେ ୨୮ ଟିକିଆ ହାତୀପଲ ରହିଛନ୍ତି। ହାତୀପଲ ଅଞ୍ଚଳରେ ଉତ୍ପାତ କରୁଥିବା ବେଳେ ବ୍ୟାପକ ଫସଲ ଖାଇବା ସହ ନଷ୍ଟ କରୁଛନ୍ତି। ଧାନ ଅମଳ ସମୟ ହୋଇଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି।

ପ୍ରକାଶ ଯେ, ଶୁକ୍ରବାର ହାତୀପଲ ସଦର ବ୍ଲକ୍ ଅନ୍ତର୍ଗତ ମଇଦାନକେଲ ପଞ୍ଚାୟତ କେରି ଜଙ୍ଗଲରୁ ଜାତୀୟ ରାଜପଥ ୪୯ ପାର ହୋଇଥିଲେ। ଜଡ଼ିପଦା କଣାପଶି ଗ୍ରାମ ମଧ୍ୟ ଦେଇ ସେଣ୍ଡକାପ, ଗୋବର୍ଦ୍ଧନ, ବଣୁଆ ଗ୍ରାମରେ ବୁଲି ଜାତୀୟ ରାଜପଥ ୨୦ ବାଙ୍କମାରୁଣି କଡ ରତନପୁର ହୁଡ଼ିରେ ପଶିଯାଇଥିଲେ। ଶନିବାର ରତନପୁର ହୁଡିରୁ ବାହାରି ନୂଆଗାଁ ପଞ୍ଚାୟତ ବିସ୍ତାପାଳ ଗ୍ରାମ କଡରେ ଥିବା ହୁଡିରେ ରହିଛନ୍ତି। ରବିବାର ମୁରୁସୁଆଁ ଆରଡେଇ ନଦୀ କୂଳ ଶାଳ ଜଙ୍ଗଲ ଓ ମଙ୍ଗଳାପଶି ହରଡ ବାଡ଼ିରେ ଦିନ ତମାମ ହାତୀପଲ ରହିଥିବା ଜଣାପଡ଼ିଛି। ଅମଳ ପାଇଁ ବିଲରେ ଥିବା ପାଚିଲା ଧାନ ଫସଲ ହାତୀପଲ ପାଦରେ ଦଳି ମକଚି ନଷ୍ଟ କରିଦେବା ସହ ଖାଇଯାଉଛନ୍ତି। ଫରେଷ୍ଟରଙ୍କ ସମେତ କିଛି ବନ ବିଭାଗ କର୍ମଚାରୀ ହାତୀ ଘଉଡ଼ାଇବାରେ ବିଫଳ ହୋଇଥିଲେ। ହାତୀ ଓ ଲୋକଙ୍କୁ ସୁରକ୍ଷା ପାଇଁ ହାତୀ ରହୁଥିବା ସ୍ଥାନରେ ଡାକବାଜି ଯନ୍ତ୍ର ଦ୍ୱାରା ସଚେତନ କରିବା ସହ ହାତୀ ଦ୍ୱାରା କ୍ଷୟକ୍ଷତି ଆକଳନ କରି ତୁରନ୍ତ କ୍ଷତିପୂରଣ ଦେବାକୁ ସାମାଜିକକର୍ମୀ ସରୋଜ ସାହୁ କହିଛନ୍ତି।

## ଭାଜପା ପରିବାର ପକ୍ଷରୁ କମ୍ବଳ ବଣ୍ଟନ

**ଯୋଡ଼ା, ୧।୧୨ (ମାନସ ମହାନ୍ତି)**

କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଭାଜପା ନେତା ଡ. ମୁରଲୀ ମନୋହର ଶର୍ମାଙ୍କ ତତ୍ତ୍ୱାବଧାନରେ ଯୋଡ଼ା ମଣ୍ଡଳ ୫ ନଂ. ୱାର୍ଡ ଆଜାଦବସ୍ତିଠାରେ ଗରିବ, ଅସହାୟ ବୃଦ୍ଧାବୃଦ୍ଧଙ୍କୁ ଯୋଡ଼ା ଭାଜପା ପରିବାର ପକ୍ଷରୁ କମ୍ବଳ ପ୍ରଦାନ କରାଯାଇଛି। ମଣ୍ଡଳ ସଭାପତି ସୁଶାନ୍ତ ବେବର୍ତ୍ତା, କାର୍ଯ୍ୟକର୍ତ୍ତା ଶୈଳେନ୍ଦ୍ର ଯୋରା, ଉପସଭାପତି ପାର୍ଥ ସାରଥି ଷଡ଼ଙ୍ଗୀ, ମହାବୀର ଶର୍ମା, ମଣ୍ଡଳ ସଭାନେତ୍ରୀ ଫୁଲମଣି ଗୁଡ୍ଡୁ, ସାବିତ୍ରୀ ପ୍ରଧାନ ପ୍ରମୁଖ ୩୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ କମ୍ବଳ ବଣ୍ଟନ କରିଥିଲେ।

**ଟ୍ରଷ୍ଟ ପକ୍ଷରୁ କମ୍ବଳ ପ୍ରଦାନ**

ସେହିପରି ଯୋଡ଼ା ବ୍ଲକ୍ ଜଜାଙ୍ଗ ପଞ୍ଚାୟତର କ୍ରେଟ୍ ହଟିଂରେ ରବିବାର ଆଶାର ଦ୍ୱାର ଫାଉଣ୍ଡେଶନ ଓ ଏଏସ୍ ଲାଲ ଟ୍ରଷ୍ଟ ପକ୍ଷରୁ ପ୍ରାୟ ୧୨୧ଜଣଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଯୋଡ଼ା ବିଶ୍ୱ ହିନ୍ଦୁ ପରିଷଦ ସଭାପତି ରଞ୍ଜିତ ମହାକୁଡ଼, ଅଜୟ ସିହ୍ନା, ସଞ୍ଜୟ ସାମଲ, ପୃଥ୍ୱୀ ରାଜ, ସାଗର କରୁଆ ଉପସ୍ଥିତ ଥିଲେ।

